# ସତ୍ୟବାଣୀ
# VOICE OF TRUTH

**VOL - XXVIII KAKINADA MAY-JUN-2022**

## ଏଷ୍ଟର
## (Esther)

ବାଇବଲରେ ଦୁଇଟି ପୁସ୍ତକ ସ୍ତ୍ରୀମାନଙ୍କ ନାମରେ ଲିଖିତ ହୋଇଅଛି । (୧) ରତ (୨) ଏଷ୍ଟର । ଦୁଇଟି ସୁନ୍ଦର ରଞ୍ଜିତ ସତ୍ୟ ପ୍ରେମ କାହାଣୀ । ଏକ ଚଳଚ୍ଚିତ୍ରର କାହାଣୀ । ଏହି ପୁସ୍ତକରେ ହିନ୍ଦୁସ୍ଥାନ (ଭାରତ) ର ନାମ ଦୁଇ ଥର ଉଲ୍ଲେଖିତ ହୋଇଅଛି । (ଏଷ୍ଟର ୧:୧ ଓ. ୮ : ୯ ) । ଶହେ ସତାଇଶ ପ୍ରଦେଶ ବିଶିଷ୍ଟ ଏହି ରାଜ୍ୟ ଭାରତ ଦେଶରୁ କୁଶ (Ethopia) ଦେଶ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ''ଅକ୍ଷଶ୍ୱେରଶ'' ଏକ ପଦବୀ ଥିଲା । ଏହି କାହାଣୀର ରାଜା ସେହି ବଂଶର ତୃତୀୟ ରାଜା ଥିଲେ । ଏହି ପୁସ୍ତକରେ ରାଜା ସେହି ବଂଶର ତୃତୀୟ ରାଜା ଥିଲେ । ଏହି ପୁସ୍ତକରେ ସଦାପ୍ରଭୁ କିଅବା ଯିହୋବା କିଅବା ମଶୀୟ କିଅବା ଆରଧନା ପ୍ରଭୃତି ପଦଗୁଡ଼ିକ ବ୍ୟବହୃତ ହୋଇ ନାହିଁ । କୌଣସି ଧର୍ମ ପନ୍ଥା , କିଅବା ସ୍ୱର୍ଗ ଓ ନରକର ବିବରଣ ପଢ଼ିବାକୁ ନ ପାଉ । ମାର୍ଟିନ ଲୁଥର ଏହି ପୁସ୍ତକ ବାଇବଲରେ ଅର୍ନ୍ତଭୁକ୍ତ କରିବାରେ ଅନିଚ୍ଛୁକ ଥିଲେ । କିନ୍ତୁ ଏହି କାହାଣୀ ଦ୍ୱାରା ପରମେଶ୍ୱର ଆପଣା ପ୍ରଜାମାନଙ୍କୁ କିପରିଭାବେ ସଂରକ୍ଷଣ କରନ୍ତି ଜାଣିପାରୁ । ଏହା ଏକ ସାଧାରଣ କନ୍ୟା ପାରାସିକ ଦେଶରେ ରାଣୀ ହେବାର ଏକ ରୋମାଞ୍ଚକ କହାଣୀ ।

ଏଷ୍ଟରଙ୍କ ପ୍ରକୃତ ନାମ ହଦସ । ଏହା ଏକଏବ୍ରୀ ନାମ (ସୁଗନ୍ଧ ବୃକ୍ଷ) । ଏଷ୍ଟର ଏକ ପାରସିକ ନାମ, ଯଦିଓ ସଦାପ୍ରଭୁଙ୍କ ନାମ ଏହି ପୁସ୍ତକରେ ଲିଖିତ ହୋଇ ନାହିଁ ତାହାଙ୍କ କାର୍ଯ୍ୟ ପୃଷ୍ଠା ମାନଙ୍କରେ ସୁସ୍ପଷ୍ଟ ହୁଏ । ପ୍ରେରିତ ପାଉଲଙ୍କ ଅନୁଯାୟୀ ଏହି ସମସ୍ତ ଦୃଷ୍ଟାନ୍ତ ସ୍ୱରୂପେ ସେମାନଙ୍କ ପ୍ରତି ଘଟିଲା, ଆଉ ଯେଉଁ ମାନଙ୍କ ସମୟରେ ଯୁଗାନ୍ତ ଉପସ୍ଥିତ ହୋଇଅଛି, ଏପରି ଯେ ଆମ୍ଭେମାନେ, ଆମ୍ଭମାନଙ୍କ ଚେତନା



ନିମନ୍ତେ ଏହି ସବୁ ଲେଖାଯାଇଅଛି ।" (୧ମ କରନ୍ତି ୧୦:୧୧ ରୋମୀୟ ୧୫ : ୬) ଏହି କାହାଣୀର ମୁଖ୍ୟ ଚରିତ୍ର ରାଜା , ରାଣୀ , ମର୍ଦ୍ଦଖୀୟ ଓ ହାମାନ ।

ଯଦିଓ ସଦାପ୍ରଭୁ ଓ ଯୋହୋବାଙ୍କ ନାମ ଏହି ପୁସ୍ତକରେ ଲିଖିତ ହୋଇ ନାହିଁ । ଏବ୍ରୀ ଭାଷାରେ Equio distance code "YHWAH" (ଅର୍ଥାତ୍ ଯିହୋବା) ପଦ ଲିଖିତ ହୋଇଅଛି । ସଦାପ୍ରଭୁଙ୍କ ପ୍ରେରଣା ପ୍ରତି ଅଂଶରେ ଅନୁଭବ କରିପାରୁ ଏଷ୍ଟରଙ୍କ ପରିଚୟ ଗୁପ୍ତ ରଖିବା ପାଇଁ ମର୍ଦ୍ଦଖୀୟ ଆହ୍ୱାନ ଦେଇଥିଲେ । ବାବିଲର ରାଜା ନବଖଦ୍ ନିତ୍ସର ଯିହୂଦୀ ମାନଙ୍କୁ ବନ୍ଦୀ କରି ନେଇଯିବା ସମୟରେ ବିନ୍ୟାମୀନ ବଂଶୀୟ ଯାୟୀରର ପୁତ୍ର, ଶିମିୟର ପୌତ୍ର, କୀଶର ପ୍ରପୌତ୍ର । "ଯେଉଁ ଲୋକମାନେ ଯିହ୍ୱଦାର ରାଜା ଯିକନିୟ ସହିତ ବାବିଲର ରାଜା ନବଖଦ୍ ନିତ୍ସର ଦ୍ୱାରା ନିର୍ବାସିତ ହୋଇ ଥିଲେ, ସେମାନଙ୍କ ସହିତ (କୀଶ) ଯିରୁଶାଲମଠାରୁ ନିର୍ବାସିତ ହେଇଥିଲା (ଏଷ୍ଟର ୨ : ୬ ) । କୋରସ ରାଜା ଯିହୂଦୀମାନଙ୍କୁ ବନ୍ଦୀତ୍ୱରୁ ମୁକ୍ତ କରିବା ସମୟରେ ଅନେକ ଯିହୂଦୀ ସ୍ୱଦେଶକୁ ବାହୁଡ଼ି ଯାଇଥିଲେ । କିଂତୁ ମର୍ଦ୍ଦଖୀୟ ଓ ଏଷ୍ଟର ବାବିଲରେ ରହିଯାଇଥିଲେ । ଏଷ୍ଟରଙ୍କ ପିତାମାତାଙ୍କ ମୃତ୍ୟୁ ପରେ ମର୍ଦ୍ଦଖୀୟ ତାହାକୁ ନିଜ କନ୍ୟା ରୂପେ ଗ୍ରହଣ କରିଥିଲା ।" ଏଷ୍ଟର ମହାରାଣୀ କୁଟୁମ୍ବର ପରିଚୟ କାହାକୁ ଦେଲା ନାହିଁ, କାରଣ ମର୍ଦ୍ଦଖୀୟ ତାହା ନ ଜଣାଇବାକୁ ଆଜ୍ଞା କରିଥିଲା ।"(୨:୧୦) । ମର୍ଦ୍ଦଖୀୟ ରାଜପ୍ରାସାଦର ଏକ କର୍ମଚାରୀ ଥିଲା, କିଂତୁ ସେ ଯେ ଜଣେ ଯିହୂଦୀ କେହି ଜାଣି ନଥିଲେ ।

ଅଗାଗୀୟ ହମ୍ମନାଥାର ପୁତ୍ର ହାମନକୁ ରାଜା ଅକ୍ଷଶ୍ୱେରଶ ଏକ ପଦବୀ ଦେଇ, ତାହାର ସଙ୍ଗୀ ସମସ୍ତ ଅଧିପତି ଅପେକ୍ଷା ଶ୍ରେଷ୍ଠ ଆସନ ଦେଲା । ସେ ଏକ ଆମାଲେକୀୟ, ଆଗ ବଂଶଜ ଥିଲେ । ବିନ୍ୟାମୀନ ବଂଶୀୟ ଶିମିୟ ବଂଶଧର ମର୍ଦ୍ଦଖୀୟ (୧ମ ଶାମୁୟଲ ୯: ୧ - , ୨ ଶାମୁୟେଲ ୧୬: ୫-୧୩) । ମର୍ଦ୍ଦଖୟ ରାଜା ଦ୍ୱାରର କର୍ମଚାରୀ ଥିଲେ, କିଂତୁ ସେମାନଙ୍କୁ ନତ ମସ୍ତକ କରି ପ୍ରଣାମ କରେଇବାରେ ଅସମ୍ମତ ଥିଲେ । (ଏଷ୍ଟର ୩ : ୨ - ୪) । ମର୍ଦ୍ଦଖୟ ନାମର ଅର୍ଥ ବାଙ୍ଗର । ସେ ରାଜା ଶାଉଲଙ୍କ ଦ୍ୱାରା ଅସଂପୂର୍ଣ୍ଣ କାର୍ଯ୍ୟ ସଂପୂର୍ଣ୍ଣ କରିଥିଲେ ।

ସଦାପ୍ରଭୁ ଓ ଶୟତାନ ମଧରେ ଥିବା ଅନନ୍ତ କାଳୀନ ଯୁଦ୍ଧ ଏହି ପୁସ୍ତକରେ ପ୍ରକାଶିତ ହୁଏ । ଏହି ଯୁଦ୍ଧ ଏଦନ ଉଦ୍ୟାନରେ ପ୍ରାରମ୍ଭ ହୋଇଥିଲା ଓ ପ୍ରଭୁ ଯୀଶୁଙ୍କ

ଦ୍ୱିତୀୟ ଆଗମନ ପର୍ଯ୍ୟନ୍ତ ଚାଲି ରହିଥିବ । ହାମାନ, ତାହାଙ୍କ ସମ୍ମୁଖରେ ମର୍ଦ୍ଦଖୀୟ ନତ ମସ୍ତକ ହୋଇ ପ୍ରଣାମ କରିବା ଚାହୁଁ ଥିଲେ । ଯୀଶୁ ଖ୍ରୀଷ୍ଟଙ୍କ ସୁସମାଚାରର ପ୍ରଚାର କାର୍ଯ୍ୟ ଆରମ୍ଭ ବେଳାରେ ଶୟତାନର ଦ୍ୱାରା ପରୀକ୍ଷୀତ ହେବା ସମୟରେ, ସେ କହିଲା " ତୁମ୍ଭେ ଯେବେ ଆମ୍ଭକୁ ଭୂମିଷ୍ଠ ପ୍ରଣାମ କରିବ ତେବେ ଆମ୍ଭେ ଏ ସମସ୍ତ ତୁମ୍ଭକୁ ଦେବା । " (ମାଥିଉ ୪:୯) ଜ୍ଞାନୀ ଶଲୋମନ କହନ୍ତି ଅହଙ୍କାର ସର୍ବନାଶର ସମ୍ମୁଖରେ ଥାଏ ,ପୁଣି ଦାମ୍ଭିକ ମନ ପତନର ସମ୍ମୁଖରେ ଥାଏ ।" (ହିତ ୧୬:୧୮ ୧୧:୨) । ହାମାନଙ୍କୁ ରାଜା ଅକ୍ଷଶ୍ୱେରଶ ଉନ୍ନତ ପଦବୀରେ ନିଯୁକ୍ତ କଲେ, ଏହା ହାମାନଙ୍କ ଗର୍ବ ଅହଂକାରର କାରଣ ହେଲା । ରାଣୀ ଏଷ୍ଟର ଭୋଜ ନିମନ୍ତେ ତାହାଙ୍କୁ ପ୍ରସାଦକୁ ଆମନ୍ତ୍ରଣ କରିବାରେ ତାହାଙ୍କ ହୃଦୟ ଆହୁରି ଗର୍ବରେ ଉଠିଲା । (ଏଷ୍ଟର ୫: ୮-୧୪ ) । କିଂତୁ ରାଣୀ ଏଷ୍ଟର ତାହାଙ୍କ ବିରୁଦ୍ଧରେ ରାଜାକୁ ଅଭିଯୋଗ କରିଥିଲେ । (୬ : ୧ - ୧୬ )

ଏଷ୍ଟରଙ୍କ ଅଭିଯୋଗରେ ରାଜା ହାମାନଙ୍କୁ ମୃତ୍ୟୁ ଦଣ୍ଡ ଦେଇଥିଲେ । ''ଏଥିରେ ହାମନ ମର୍ଦ୍ଦଖୟ ନିମନ୍ତେ ଯେଉଁ ଫାଶୀକାଠ ପ୍ରସ୍ତୁତ କରିଥିଲା, ତହିଁ ଉପରେ ସେମାନେ ହାମନକୁ ଫାଶୀ ଦେଲେ ; ତହିଁରେ ରାଜାର କ୍ରୋଧ ଶାନ୍ତ ହେଲା" (ଏଷ୍ଟର ୭ : ୧୦ ) । ମର୍ଦ୍ଦଖୟଙ୍କ ଉନ୍ନତିରେ ସଦାପ୍ରଭୁଙ୍କ ହସ୍ତ ଥିଲା । ପ୍ରେରିତ ପାଉଲ ଗାଲାତୀ ମଣ୍ଡଳୀକୁ ଲେଖନ୍ତି , "ଭ୍ରାନ୍ତ ନ ହୁଅ : ଈଶ୍ୱର ବିଦ୍ରୂପର ପାତ୍ର ନୁହନ୍ତି , କାରଣ ମନୁଷ୍ୟ ଯାହା ବୁଣେ, ତାହାହିଁ କାଟିବ ।" ( ଗାଲାତୀ ୬: ୭)

ରାଣୀ ଏଷ୍ଟର ଆପଣା ଜାତିକୁ ରକ୍ଷା କରିବା ନିମନ୍ତେ ଆପଣାକୁ ବିପଦର ସମ୍ମୁଖୀନ କରାଇଥିଲେ । ବିନା ଡ଼ାକରାରେ ରାଜାଙ୍କ ସମ୍ମୁଖକୁ ଯିବା ମୃତ୍ୟୁ ସମ୍ମୁଖୀନ ହେବା ସମାନ ଥିଲା ସେ ରାଜାଙ୍କ ସିଂହାସନର ସମ୍ମୁଖୀନ ହେବା ପୂର୍ବେ ସେ ଓ ତାହାଙ୍କ ଦାସୀମାନେ ତିନିଦିନ ଉପବାସ ପ୍ରାର୍ଥନା କଲେ ଓ ଦେଶର ଯିହୂଦୀୟ ଲୋକ ମାନେ ଶ୍ୱଶନରେ ଉପସ୍ଥିତ ହୋଇ ଏଷ୍ଟରଙ୍କ ନିମନ୍ତେ ପ୍ରାର୍ଥନା କଲେ । (୪:୧୦ -୧୭ )

ହାମନଙ୍କ ଦଶପୁତ୍ରଙ୍କ ନାମ ୯ମ ପର୍ବ ୭-୧୦ ପଦରେ ଲିଖିତ ଅଛି । ପ୍ରତ୍ୟେକ ନାମର ଅର୍ଥ ଶାରୀରୀକ ଅଭିଳାଷ । "ଅତଏବ , ତୁମ୍ଭମାନଙ୍କର ଶାରୀରିକ ଅଙ୍ଗପ୍ରତ୍ୟକର କୁପ୍ରବୃତ୍ତି ଗୁଡ଼ାକ, ଅର୍ଥାତ୍ ବ୍ୟଭିଚାର, ଅଶୁଚିତା, କାମ କୁ-ଅଭିଳାଷ, ପୁଣି ପ୍ରତିମାପୂଜାରୂ ଲୋଭ, ଏହିସବୁ ପ୍ରତି ମୃତ ହୁଅ , ଏହି ସବୁ ହେତୁରୁ ଈଶ୍ୱରଙ୍କ



କ୍ରୋଧ ବର୍ତ୍ତେ ।" (୩:୫ )

ଏଷ୍ଟର ପୁସ୍ତକରୁ ଆମ୍ଭେମାନେ ଅନେକ ବିଷୟ ଶିକ୍ଷା ପାଇପାରୁ । ଏହି ପୁସ୍ତକରେ ଯଦିଓ ପରମେଶ୍ୱରଙ୍କ ନାମ ଲିଖିତ ହୋଇ ନାହିଁ , ତାହାଙ୍କ ହସ୍ତ ସୁସ୍ପଷ୍ଟ ହୁଏ । ସେ ଆମ୍ଭମାନଙ୍କ ଚାଳକ, ପାଳକ, ସଂରକ୍ଷଣ କର୍ତ୍ତା ଅଟନ୍ତି । ଆସ ଆମ୍ଭେମାନେ ତାହାଙ୍କୁ କୃତଜ୍ଞତା ଅର୍ପଣ କରୁ ।

**- Joshua Gootam**

❋❋❋

## ଏକ ମନୁଷ୍ୟ ସ୍ଥାପିତ ଧର୍ମପ୍ରଥା

## (A manmade Religion)

ନବାଟର ପୁତ୍ର ଯାରବିୟାମ ବିଭକ୍ତ ଇଶ୍ରାଏଲ ଦେଶର ପ୍ରଥମ ରାଜା ଥିଲେ। ସେ ଏକ ମହାନ ରାଜା, ମହାନ ନେତା ହେବାର ସମ୍ଭାବନା ଥିଲା । କିଂତୁ ପଥଭ୍ରଷ୍ଟ ହୋଇଥିଲେ । ସେ ପ୍ରାରମ୍ଭ କରିଥିବା ଧର୍ମପନ୍ଥାର ସମତୁଲ୍ୟ ଅନେକ ଧର୍ମପନ୍ଥା ଏହି ଜଗତରେ ଉଦ୍ଭାବିତ ହୋଇଅଛି । ଏହି ଘଟଣା ଆମ୍ଭମାନଙ୍କ ନିମନ୍ତେ ସତର୍କତା ହେଉଁ।

ସର୍ବପ୍ରଥମେ, ଏହା ଜ୍ଞାତ ହେଉ ଯେ ଏହି ମନ୍ଦତା ମନୁଷ୍ୟର ହୃଦୟରେ ଜନ୍ମି ଥିଲେ । ଲେଖାଯାଏ, ତହୁଁ ଯାରବିୟାମ ମନେ ମନେ କହିଲେ, ........'' (ପ୍ରଥମ ରାଜାବଳି ୧୨ : ୨୬ ) । ଏହି ଜଗତରେ କେବଳ ଦୁଇ ପ୍ରକାର ଧର୍ମ ପନ୍ଥା ରହିଅଛି । ମନୁଷ୍ୟର ହୃଦୟରେ ଜନ୍ମିତ ( ୨ ) ପରମେଶ୍ୱରଙ୍କ ଇଛାରୁ ସ୍ଥାପିତ । ଯିଶାଇୟ ୫୫: ୮ ରେ ଲେଖାଯାଏ, "ଯେହେତୁ ସଦାପ୍ରଭୁ କହନ୍ତି, ଆମ୍ଭର ସଂକଳ୍ପସକଳ ତୁମ୍ଭମାନଙ୍କର ସଂକଳ୍ପ ପରେ ନୁହେଁ , କିଅବା ତୁମ୍ଭମାନଙ୍କର ସାର୍ଗସକଳ ଆମ୍ଭର ମାର୍ଗରେ ନୁହେଁ" ଏହି ବାକ୍ୟ ଅନନ୍ତ ସତ୍ୟ ଅଟେ । ଅନ୍ତଃକରଣ ସବୁଠାରୁ କପଟମୟ ଓ ଅପ୍ରତୀକାର୍ଯ୍ୟ ରୂପେ ପୀଡ଼ିତ ; କିଏ ଜାଣିପାରେ ? " (ଯିରିମୀୟ ୧୭ : ୯) । ମନୁଷ୍ୟର ହୃଦୟରୁ ସଦାପ୍ରଭୁଙ୍କ ଦୃଷ୍ଟ ଓ ମାନବ ସମାନ ନିମନ୍ତେ ମଙ୍ଗଳକାରକ ପନ୍ଥା ଜାତ ହୋଇ ନ ପାରେ । ପରମେଶ୍ୱରଙ୍କ ଇଛାବିରୁଦ୍ଧ ପନ୍ଥା ଗୁଡ଼ିକ ମନୁଷ୍ୟମାନଙ୍କ ନିମନ୍ତେ ଶାପମୟ ଓ ସଦାପ୍ରଭୁଙ୍କ ବିରୁଦ୍ଧରେ ବିଦ୍ରୋହ କରିବା ସମାନ । ଜ୍ଞାନୀ ଶଲୋମନ କହନ୍ତି " ତୁମ୍ଭେ ସର୍ବାନ୍ତଃକରଣ ସହିତ ସଦାପ୍ରଭୁଙ୍କ ଠାରେ ବିଶ୍ୱାସ କର

ଓ ନିଜ ସୁ ବିବେଚନାରେ ଆଉଜି ପଡ଼ ନାହିଁ । (ହିତ ୩ : ୫)

ପ୍ରଶ୍ନ ଉଠେ ମନୁଷ୍ୟ କାହିକି ସଦାପ୍ରଭୁଙ୍କ ତୁଷ୍ଟ ଉପାସନା କରିବା ଆବଶ୍ୟକ ? ବିଜାତୀୟ ଅସତ୍ୟ ଦେବାତା ମାନଙ୍କୁ , ସେମାନଙ୍କଠାରେ ବିଶ୍ୱାସକାରୀ ଭକ୍ତମାନ ତୁଷ୍ଟଜନକ ଉପାସନା କରନ୍ତି । ଯୀଶୁଖ୍ରୀଷ୍ଟ କହିଲେ, ସେମାନେ ମନୁଷ୍ୟମାନଙ୍କ ବିଧିଗୁଡ଼ିକୁ ଧର୍ମର ଉପଦେଶବାଣୀ ବୋଲି ଶିକ୍ଷା ଦେଇ ବୃଥାରେ ଆମ୍ଭର ଉପାସନା କରନ୍ତି । (ମାଥିଉ ୧୫ : ୯) ଦ୍ୱିତୀୟରେ, ଏପରି ମନୁଷ୍ୟ ସ୍ଥାପିତ ସଂସ୍ଥା ଗୁଡ଼ିକ ଆପଣା ସ୍ୱାର୍ଥ ନିମନ୍ତେ ସ୍ଥାପିତ ହୋଇ ଥାଏ । ଆମ୍ଭମାନଙ୍କ ମଧ୍ୟରୁ କେତେ ଜଣ ଆପଣା ସ୍ୱାର୍ଥ ନିମନ୍ତେ କାର୍ଯ୍ୟ କରୁ ନାହୁଁ ? ସେ ବେଥଲ ଓ ଦାନରେ ଦୁଇଟି ସୁବର୍ଣ୍ଣ ଗୋବତ୍ସ ନିର୍ମାଣ ସ୍ଥାପନ କଲେ । ମଣ୍ଡଳୀ ଭବନ ନିମନ୍ତେ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ମୃତ୍ୟୁ ଭୋଗି ନ ଥିଲେ ।

ଯାରବିୟାମ ଆପଣା ସ୍ଥାପିତ ନୂତନ ଧର୍ମପନ୍ଥା, ପ୍ରଜା ମାନଙ୍କ ମଙ୍ଗଳାର୍ଥେ ବୋଲି ଉପସ୍ଥାପନ କଲେ । ପୁଣି ସେ ଲୋକ ମାନଙ୍କୁ କହିଲେ , ଯିରୁଶାଲମକୁ ଯିବା ପାଇଁ ତୁମ୍ଭମାନଙ୍କୁ ବହୁତ କଷ୍ଟ ପଡୁଅଛି; ......... " (୧ମ ରାଜାବଳି ୧୨:୨୮)। ସେ କରିଥିବା କାର୍ଯ୍ୟ କପଟମୟ ଥିଲା, କିଂତୁ ପ୍ରତ୍ୟେକ ମାନବ ସ୍ଥାପିତ ସଂସ୍ଥା କପଟମୟ ନୁହେଁ । ସେ ଯାହା ବି ହେଉ ଯାରବିୟାମଙ୍କ କାର୍ଯ୍ୟ ସଦାପ୍ରଭୁଙ୍କ ଆଜ୍ଞା ବିରୁଦ୍ଧ ଥିଲା । ସେ କହିଲେ " .... ହେ ଇସ୍ରାଏଲ, ତୁମ୍ଭ ଦେବତା ମାନଙ୍କୁ ଦେଖ, ସେମାନେ ତୁମ୍ଭକୁ ମିସର ଦେଶରୁ ବାହାର କରି ଆଣିଲେ" (୧୨:୨୮) । କିଂତୁ ସଦାପ୍ରଭୁ ଆମ୍ଭ ସାକ୍ଷାତରେ ତୁମ୍ଭର ଆଉ କୌଣସି ଦେବତା ହେବ ନାହିଁ" ବୋଲି ଆଜ୍ଞା ଦେଇଅଛନ୍ତି (ଯାତ୍ରା ୨୦ : ୩ ଓ ଦ୍ୱି : ବ ୫ : ୭ ) । ମିଥ୍ୟା ଦେବତାର ଅରାଧନା କରିବା ପ୍ରତ୍ୟେକ, ଅନେକ କାରଣ ଉପସ୍ଥାପନ କରନ୍ତି ।

ଯେ କୌଣସି କାରଣ ହେଲେ ହେଁ ସଦାପ୍ରଭୁଙ୍କ ଆଜ୍ଞା ଅମାନ୍ୟ ନ କରୁ । ଯାହା କହେ, ତୁମ୍ଭେ ଆପଣା ନିମନ୍ତେ କୌଣସି କୌଣସି ଖୋଦିତ ପ୍ରତିମା ନିର୍ମାଣ କରିବା ନାହିଁ । (ଯାତ୍ରା ୨୦ : ୪ ) । ଜାଗତିକ ମନୋଭାବ ଥିବା ବ୍ୟକ୍ତି ମାନେ ଆପଣା ସ୍ୱାର୍ଥ ସଙ୍ଗ ବିକୃତ କହିଲେ "ଦେଖ, ମୁଁ ଭାବିଥିଲି , ......(୨ ରାଜା ୫ : ୧୧, ପ୍ରେରିତ ୨୬ : ୯) । ସ୍ୱର୍ଗକୁ ନେଇଯିବା ସପନ, ସ୍ୱର୍ଗରୁ ହିଁ ଆସିବା ଆବଶ୍ୟକ, ଯୀଶୁ କହିଲେ, ....... ମୁଁ ପଥ ସତ୍ୟ ଓ ଜୀବନ ; ମୋ ଦେଇ ନ ଗଲେ



କେହି ପିତାଙ୍କ ନିକଟକୁ ଯାଏ ନାହିଁ । (ଯୋହନ ୧୪ : ୬ ) । ଆପଣା ସ୍ୱାର୍ଥ, ଆପଣା ମନୋଭାବ, ଆପଣା କାରଣ ଦ୍ୱାରା କେହି ଯୀଶୁଙ୍କ ନିକଟକୁ ଆସିପାରେ ନାହିଁ । କିଅବା ପରମେଶ୍ୱରଙ୍କ ଆଜ୍ଞା ଅଦଳ ବଦଳ କରେ ତାହାଙ୍କୁ ଭ୍ରଷ୍ଟ କରେ ପାରେ ନାହିଁ । ବାପ୍ତିସ୍ମ ବିଷୟରେ, କିଅବା ଗୀତ ଗାଇବା କିଅବା ଆରାଧନା କିଅବା ପ୍ରଭୁଭୋଜ ପାଳନରେ ସଦାପ୍ରଭୁଙ୍କ ଆଜ୍ଞା ଅଦଳ ବଦଳ ନ କରୁ ।

ଯାରବିୟାମଙ୍କ କୃତ ଏହି କର୍ମର ପ୍ରଭାବ ଦେଶ ପ୍ରଜା ମାନଙ୍କ ଅଧୋଃଗତିର କାରଣ ହେଲା । (୧ମ ରାଜା ୧୨:୩୦) । ନଈର ସ୍ରୋତରେ ବହିଯିବା ସହଜ କିଂତୁ ଛିଡ଼ା ହୋଇ ସାମ୍ନା କରିବା କଷ୍ଟମୟ । ଇସ୍ରାଏଲ ପତନ ଏହି ସମୟରୁ ଆରମ୍ଭ ହେଲା । ଦ୍ୱିତୀୟରେ, ଯାରବିୟାମ , ଯେଉଁ ମାନେ ଲେବୀ ସନ୍ତାନ ନୁହନ୍ତି, ସେମାନଙ୍କୁ ଯାଜକ କର୍ମରେ ନିଯୁକ୍ତ କଲେ ।

ବାହ୍ୟକ ଭାବେ ଛଳ ଧର୍ମପନ୍ଥା ଓ ପରମେଶ୍ୱରଙ୍କ ଧର୍ମପନ୍ଥା ସମତୁଲ୍ୟ ଦେଖାଯାଏ । ଯାଜକ, ଗୋବତ୍ସ, ବଳି, ବଳୀପୀଠ ପ୍ରଭୃତି । ଯାରବିୟାମ ଯିରୁଶାଲମର ପର୍ବ ତୁଲ୍ୟ ପର୍ବ ମଧ୍ୟ ଆରମ୍ଭ କଲେ । (୧୨: ୩୩ ) ବର୍ତ୍ତମାନ ଯୁଗରେ ମଧ୍ୟ ଅନେକ ମନୁଷ୍ୟ ସ୍ଥାପିତ ପ୍ରଥାରେ ବିଭେଦ ବୁଝି ପାରନ୍ତି ନାହିଁ । ପ୍ରାର୍ଥନା, ଗୀତ ଗାଇବା , ପ୍ରଭଭୋଜ ପାଳନ କରିବା ପ୍ରଭୃତି ସମତୁଲ୍ୟ ଦେଖାଯାଏ । କିଂତୁ ପ୍ରଭେଦ ଈଶ୍ୱରଙ୍କ ବାକ୍ୟ ଦ୍ୱାରା ତୁଳନା କଲେ ବୁଝିପାରିବା ।

**ଯାରବିୟାମଙ୍କ ତ୍ରୁଟି :**

(୧) ଧାର୍ମିକତାଠାରୁ ରାଜନୀତିକୁ ଅଧିକ ପ୍ରାଥନ୍ୟତା ଦେଇଥିଲେ

(୨) ଆପଣା କର୍ତ୍ତବ୍ୟଠାରୁ ଆପଣା ସୁବିଧାକୁ ପ୍ରାଧନ୍ୟତା ଦେଇଥିଲେ

(୩) ଆପଣା ସ୍ୱାର୍ଥ ନିମନ୍ତେ, ସଦାପ୍ରଭୁଙ୍କ ଆଜ୍ଞା ଅମାନ୍ୟ କଲେ ।

(୪) ମନୁଷ୍ୟ ଯାହା ବୁଣେ, ତାହା କାଟେ ।

ଯାରବିୟାମଙ୍କ କାହାଣୀରୁ ଭ୍ରାନ୍ତ ଧର୍ମମନ୍ଥାର ପ୍ରତିଫଳ ବୁଝି ପାରୁ । ଆମ୍ଭେମାନେ ସେ ଯାହା ଆଜ୍ଞା କରି ଅଛନ୍ତି , ତାହାଙ୍କ ପାଳନ କରିବା ହିଁ ଶ୍ରେଷ୍ଟସ୍କର ।

**- T. Pierce Brown**

❋❋❋

# ସଦାପ୍ରଭୁଙ୍କୁ ସମସ୍ତ ଜ୍ଞାତ
## (God is Aware!)

ଆମ୍ଭେମାନେ କେଉଠି ଅଛୁ କଅଣ କରୁଅଛୁ କଅଣ ଆଲୋଚନା କରୁଅଛୁ, କିପରି କଥା କହୁଅଛୁ , ସମସ୍ତ ସଦାପ୍ରଭୁ ଜ୍ଞାତ ଅଟନ୍ତି । ସେ ସଦାସର୍ବଦା ଆମ୍ଭମାନଙ୍କ ସହବର୍ତ୍ତୀ ଅଟନ୍ତି । "କାରଣ ମନୁଷ୍ୟର ମାର୍ଗ ପ୍ରତି ତାହାଙ୍କର ଦୃଷ୍ଟି ଅଛି, ଓ ସେ ତାହାର ସବୁ ଗତି ଦେଖନ୍ତି । ( ଆୟୁବ ୩୪ : ୨୧ ) । ସେ ଆମ୍ଭମାନଙ୍କ ସମସ୍ତ ଆଲୋଚନା ଜାଣନ୍ତି । ଆମ୍ଭମାନଙ୍କ ପ୍ରତ୍ୟେକ କଥାବର୍ତ୍ତା ଶ୍ରବଣ କରନ୍ତି ।" କାରଣ ସେ ସଦାପ୍ରଭୁ, ଦେଖ, ଯାହା ତୁମ୍ଭଙ୍କୁ ସମ୍ପୂର୍ଣ୍ଣ ଗୋଚର ନୁହେଁ, ଏପରି ଗୋଟିଏ କଥା ମୋ ଜିହ୍ୱାରେ ନାହିଁ ।" (ଗୀତ ୧୩୯ : ୪ ) ତାହାଙ୍କ ଦୃଷ୍ଟିରୁ କୌଣସି ବିଷୟ ଆଗୋଚର ନୁହେଁ । " ଈଶ୍ୱରଙ୍କ ସମ୍ମୁଖରେ କୌଣସି ପ୍ରାଣୀ ଅପ୍ରକାଶିତ ନୁହେଁ, ମାତ୍ର ଯାହାଙ୍କ ଛାମୁରେ ଆମ୍ଭମାନଙ୍କୁ ନିକାଶ ଦେବାକୁ ହେବ, ତାହାଙ୍କ ଦୃଷ୍ଟିରେ ସମସ୍ତ ବିଷୟ ଉଲଙ୍ଗ ଓ ଅନାବୃତ ଅଟେ ।" ( ଏବ୍ରୀ ୪: ୧୩ )

ସଦାପ୍ରଭୁ ସମସ୍ତ ଜ୍ଞାତ ଅଟନ୍ତି । ''ପୁଣି ଯେ କୌଣସି ବିଷୟରେ ଆମ୍ଭମାନଙ୍କ ହୃଦୟ ଆମ୍ଭମାନଙ୍କୁ ଦୋଷୀ କରେ, ସେ ବିଷୟରେ ତଦ୍ୱାରା ତାହାଙ୍କ ଛାମୁରେ ଆପଣାମାନଙ୍କ ହୃଦୟ ସୁସ୍ଥିର କରି ପାରିବା, କାରଣ ଈଶ୍ୱର ଆମ୍ଭମାନଙ୍କ ହୃଦୟଠାରୁ ମହାନ ଓ ସେ ସବୁ ଜାଣନ୍ତି ।" ( ୧ମ ଯୋହନ ୩ : ୨୦ ) । ଆମ୍ଭମାନଙ୍କ ପରୀକ୍ଷା, ଚିନ୍ତା, ହୃଦୟ ସ୍ପର୍ଶୀ ଘଟଣା, ଦୁଃଖ, ରୋଗ ସମସ୍ତ ସଦାପ୍ରଭୁଙ୍କ ଜ୍ଞାତ । " ଆହା ଈଶ୍ୱରଙ୍କ ବୁଦ୍ଧି ଓ ଜ୍ଞାନରୂପକ ନିଧି କେଡ଼େ ଗଭୀର । ତାହାଙ୍କ ବିଚାର ସବୁ କିପରି ବୋଧର ଅଗମ୍ୟ ଓ ତାହାଙ୍କ ପଥସବୁ କିପରି ଅନନୁସନ୍ଧେୟ । ( ରୋମୀୟ ୧୧ : ୩୩ ) ଏପରି ମହାନ ପରମେଶ୍ୱରଙ୍କ ଡ଼େଣାର ଉହାଡ଼ରେ ଆଶ୍ରୟ ନେବା କେତେ ସାନ୍ତ୍ୱନାଦାୟକ କେତେ ଆଶୀଷମୟ । ଯେଉଁ ପରମେଶ୍ୱର ଏହି ବିଶ୍ୱର କର୍ତ୍ତା ଅଟନ୍ତି, ସେହି ସର୍ବଶକ୍ତିମାନ ପରମେଶ୍ୱର ଆପଣା ସନ୍ତାନ ମାନଙ୍କୁ ସର୍ବଦା ସୁରକ୍ଷିତରେ ରଖନ୍ତି

**- Cliff Homes**

❋❋❋



# ଆମ୍ଭମାନଙ୍କ ପ୍ରଭୁଙ୍କ ଚେତନା ବାଣୀ
## (Our Lord's Warning)

ସର୍ବଜ୍ଞାନୀ ଆମ୍ଭମାନଙ୍କ ପରମେଶ୍ୱର ଅନେକେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବେ ନାହିଁ ବୋଲି ମାଥିଉ ୭ : ୧୩ - ୧୪ ରେ କହି ଅଛନ୍ତି । ''ସଂକୀର୍ଣ୍ଣ ଦ୍ୱାର ଦେଇ ପ୍ରବେଶ କର, ତାହାର କାରଣ ସର୍ବନାଶକୁ ଘେନିଯିବା ଦ୍ୱାରା ପ୍ରଶସ୍ତ, ପୁଣି ତାହା ଦେଇ ପ୍ରବେଶ କରିବା ଲୋକେ ଅନେକ ଆଉ, ଜୀବନକୁ ଘେନିଯିବା ଦ୍ୱାର ସଂକୀର୍ଣ୍ଣ ଓ ପଥ ଦୁର୍ଗମ, ପୁଣି ତାହାର ସନ୍ଧାନ ପାଇବା ଲୋକେ ଅଳ୍ପ ।" ଈଶ୍ୱରଙ୍କ ବାକ୍ୟାନୁଯାୟୀ ଜଗତର ଅଧିକାଂଶ ଲୋକ ବିନଷ୍ଟ ହେବେ । ଅଳ୍ପ ସଂଖ୍ୟାରେ ପରିତ୍ରାଣ ପ୍ରାପ୍ତ ହେବେ ।

ଅଳ୍ପୀମାନେ କେତେ ଅଳ୍ପ? ୧ମ ପିତର ୩:୨୦ ରେ ଲେଖାଯାଏ, "ପୂର୍ବକାଳରେ ନୋହଙ୍କ ସମୟରେ ଜାହାଜ ନିର୍ମିତ ହେଉଥିବା ବେଳେ, ସେତେବେଳେ ଈଶ୍ୱର ଦୀର୍ଘସହିଷ୍ଣୁ ହୋଇ ଅପେକ୍ଷା କରୁଥିଲେ , ସେହି ସମୟରେ ସେମାନେ ଅବାଧ୍ୟ ହୋଇଥିଲେ, ସେହି ଜାହାଜରେ ପ୍ରବେଶ କରି ଅଳ୍ପ ଲୋକ ଅର୍ଥାତ୍ ଆଠପ୍ରାଣୀ ଜଳ ମଧ ଦେଇ ରକ୍ଷା ପାଇଲେ ।" ( ୧ମ ପିତର ୩:୨୦ ) । ଅନେକଙ୍କ ମତରେ ନୋହଙ୍କ ସମୟର ମହାବନ୍ୟା ସମୟରେ ଦୁଇହଜାର ଲକ୍ଷ ଥିଲା । କିଂତୁ ଦୁଃଖକର ବିଷୟ ଏହି କି ଯେ, ସେମାନଙ୍କ ମଧ୍ୟରୁ କେବଳ ଆଠଜଣ ହିଁ ରକ୍ଷା ପାଇଥିଲେ । ଯଦିଓ, .... କେହି ବିନିଷ୍ଟ ନହୁଅନ୍ତି ...." ( ୨ ପିତର ୩:୯ ) ବୋଲି ସଦାପ୍ରଭୁ ଇଛା କରନ୍ତି ତଥାପି କେବଳ ଅଳ୍ପ ଲୋକ ଅନନ୍ତ ଜୀବନର ସନ୍ଧାନ ପାରିବେ ବୋଲି ଯୀଶୁଖ୍ରୀଷ୍ଟ ମାଥିଉ ୭:୧୩ ୧୪ ପଦରେ ସତର୍କ କରାନ୍ତି । ଜଗତର ଅସଂଖ୍ୟ ଅସଂଖ୍ୟ ଲୋକେ ଭୟଙ୍କର ଅନନ୍ତ ଅଗ୍ନିରେ ଅନନ୍ତକାଳ ନିମନ୍ତେ ନିକ୍ଷିପ୍ତ ହେବେ । ନରକର ଅଗ୍ନି କେବେ ବି ଲିଭିବ ନାହିଁ । ନରକର ଭୟଙ୍କର ଯନ୍ତ୍ରଣା କୌଣସି ମନୁଷ୍ୟ କଳ୍ପନା କରେ ପାରିବ ନାହିଁ ।

ଅନନ୍ତ ଜୀବନକୁ କେବଳ ଦୁଇଟି ମାର୍ଗ ଅଛି । ଏକ ବ୍ୟକ୍ତି ଦୁଇଟି ମାର୍ଗରୁ କୌଣସି ଏକ ମାର୍ଗରେ ଯାତ୍ର କରୁଥାଏ । ଆମ୍ଭେମାନେ ଯଦି ସ୍ୱର୍ଗରେ ପ୍ରବେଶ କରି ନ ପାରେ ଅନନ୍ତ ଅଗ୍ନିରେ ନିକ୍ଷିପ୍ତ ହେବା । ଏହି ଅଗ୍ନି ଅନନ୍ତକାଳ ପର୍ଯ୍ୟନ୍ତ ଜଳୁ ଥିବ । ଏହି ଭୟଙ୍କର ଓ ଅନନ୍ତ ଅଗ୍ନିରେ ନିକ୍ଷିପ୍ତ ନ ହେବା ନିମନ୍ତେ ସଦାପ୍ରଭୁଙ୍କ ଯୋଜନା

ଥିବା ସତ୍ତ୍ୱେ ଜଗତର ଅତ୍ୟଧିକ ସଂଖ୍ୟାରେ ମନୁଷ୍ୟମାନେ ଅନନ୍ତ ଅଗ୍ନିରେ ନିକ୍ଷିପ୍ତ ହେବେ । ଯଦି ଏକ ବ୍ୟକ୍ତି ଅନନ୍ତ ନର୍କରେ ନିକ୍ଷିପ୍ତ ହୁଏ, ସେ ଆପଣା ମୁର୍ଖାମୀ ଓ ଅବାଧ୍ୟତା ଯୋଗୁଁ ନିକ୍ଷିପ୍ତ ହୁଏ । ଆସ ଅନନ୍ତ ଜୀବନରେ ପ୍ରବେଶ କରିବା ଅମ୍ଭମାନଙ୍କର ମୁଖ୍ୟ ଲକ୍ଷ୍ୟ ହେଉଁ ।

**- Boat Wright**

❊❊❊

## ''ତୁମ୍ଭେମାନେ ଫେରି ସାନ ପିଲାଙ୍କ ପରି ନ ହେଲେ''
## (Except Ye Became as Little Children)

ସ୍ୱର୍ଗରାଜ୍ୟରେ ପ୍ରବେଶ କରିବାକୁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଯୋଗ୍ୟତା ବିଷୟରେ ମାଥିଉ ୧୬ : ୧ - ୬ ରେ ଲିଖିତ ହୋଇଅଛି । ଯାହା ଲେଖାଅଛି, ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ତୁମ୍ଭମାନେ ଫେରି ସାନ ପିଲାଙ୍କ ପରି ନ ହେଲେ କୌଣସି ପ୍ରକାରେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବ ନାହିଁ । (ମାଥିଉ ୧୮ : ୮) । ସ୍ୱର୍ଗରାଜ୍ୟ୍ୟରେ ପ୍ରବେଶ କରିବାର ନିଶ୍ଚିୟତା ଥିବା ବ୍ୟକ୍ତି ମାନଙ୍କ ନିମନ୍ତେ ଏହି ଯୋଗ୍ୟତା ନିତାନ୍ତ ଆବଶ୍ୟକ । ପ୍ରତ୍ୟେକ ବ୍ୟକ୍ତି ପିଲାଳିଆ ହେବା ଆବଶ୍ୟକ ବୋଲି ଯୀଶୁଙ୍କ ବାକ୍ୟର ଅର୍ଥନୁହେଁ । ତେବେ ତାହାଙ୍କ ବ୍ୟକ୍ତ ଏହି ବାକ୍ୟର ଅର୍ଥ କଅଣ ? ସାନପରେ ତେବେ ତାହାଙ୍କ ବ୍ୟକ୍ତ ଏହି ବାକ୍ୟର ଅର୍ଥ ବାକ୍ୟର ହେବା ଓ ମିଲାଳୀଆ ହେବାରେ ପାର୍ଥକ୍ୟ ରହିଅଛି । ଏକ ବାଳକ ବା ବାଳିକାର ସର୍ବଶ୍ରେଷ୍ଠ ଗୁଣ ହେଲା ନମ୍ରତା । ସେମାନେ ଗର୍ବୀ ନୁହନ୍ତି । ଯେଉଁ ମାନେ ସର୍ବଶକ୍ତିମାନ ପରମେଶ୍ୱରଙ୍କ ସାନ୍ନିଧରେ ଅନନ୍ତ ଜୀବନ ବିତାଇବାକୁ ଇଚ୍ଛୁକ ବ୍ୟକ୍ତିମାନେ ନମ୍ରତା ଶିକ୍ଷାକରିବା ଆବଶ୍ୟକ ପୂର୍ଣ୍ଣ ବୟସ୍କ ବ୍ୟକ୍ତିମାନେ ଆପଣା ସାମର୍ଥତାରେ ବିଶ୍ୱାସ କରନ୍ତି ଓ ଅନ୍ୟମାନଙ୍କଠାରୁ ସାହାଯ୍ୟ ନେବାକୁ ଅନିଚ୍ଛୁକ ରହନ୍ତି ଓ ଏହା ପରିତ୍ରାଣ ବିଷୟରେ ମଧ୍ୟ ସତ୍ୟ ଅଟେ । ପରିତ୍ରାଣ ପ୍ରାପ୍ତି ନିମନ୍ତେ ଏକ ନିମନ୍ତେ ଏକମାତ୍ର ତ୍ରାଣକର୍ତ୍ତା ନିକଟକୁ ଫେରୁ । ତାହାଙ୍କ ବାକ୍ୟ ପାଳନ କରୁ । ପରମେଶ୍ୱର ଆଜ୍ଞାର ପରିମିତିରେ ଆମ୍ଭେମାନେ ନୋହୁଁ, ବୋଲି



କାଦାପି ମନେ ନ କରୁ । ନମ୍ରତା ବିନୁ ଆମ୍ଭେମାନେ ପରମେଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରି ନ ପାରୁ ଆପଣାଙ୍କ ଗର୍ବ ଅହଂକାର ଆପଣଙ୍କ ଆତ୍ମା ଠାରୁ କି ଅଧିକ (ହିତ ୧୬ :୧୮; ମାଥିଉ ୧୬ : ୧୬) ଏକ ବାଳକ/ ବାଳିକା ସାହାଯ୍ୟ ନିମନ୍ତେ ଆପଣା ପିତା ମାତାଙ୍କଠାରେ ସର୍ବାନ୍ତକରଣରେ ଭରସାରଖେ, ଏକ ବାଳକ / ବାଳିକା ପ୍ରଥମ ଥର Cycle ଚଳାଇଲା ବେଳେ ତାହାର ପିତା ତାହାର ସଙ୍ଗେ ଥାଏ ବୋଲି ବିଶ୍ୱାସ କରେ । ଆଣ୍ଠୁ ଖଣ୍ଡିଆ ହେବା ସମୟରେ ତାହାର ମାତା ମଲମ ଲଗାଇବ ବୋଲି ଭରସା ରଖେ । ସେହିପରି ଭାବେ ଏକ ଖ୍ରୀଷ୍ଟିୟାନ ପ୍ରେମମୟ ପିତା ଓ ତାହାଙ୍କ ପୁତ୍ରଠାରେ ବିଶ୍ୱାସ ଓ ଭରସାରଖେ, ଯେ ଆମ୍ଭମାନଙ୍କ ପରିତ୍ରାଣ ନିମନ୍ତେ ଆପଣାକୁ କ୍ରୁଶ ଉପରେ ଉତ୍ସର୍ଗ କରିଥିଲେ । ( ଯିରିମିୟ ୧୭:୭ ) ପରମେଶ୍ୱର ଆପଣା ପ୍ରତିଜ୍ଞା ସଫଳ କରିବା ପରମେଶ୍ୱର ଅଟନ୍ତି, ଏହା ଆମ୍ଭେମାନେ ବିଶ୍ୱାସ ରଖୁ , ଆମ୍ଭେମାନେ ତାହାଙ୍କ ବାକ୍ୟର ପାଳନକାରୀ ହେଲେ, ସେ କରିଥିବା ସକଳ ପ୍ରତିଜ୍ଞା ସଫଳ କରିବେ ସେ ଆମ୍ଭମାନଙ୍କ ସାହାଯ୍ୟକାରୀ ପରମେଶ୍ୱର ଅଟନ୍ତି, ଆପଦ କାଳରେ ଅତି ନିକଟ ବର୍ତ୍ତୀ ସାହାର୍ଯ୍ୟ କାରୀ ଅଟନ୍ତି ସେ ଆମ୍ଭମାନଙ୍କ ସନ୍ତୋଷ ଦାତା ଓ ଆପଦ କାଳରେ ସାହାର୍ଯ୍ୟ କାରୀ ପିତା ଅଟନ୍ତି । ସଦାପ୍ରଭୁ ବିଶ୍ୱସ୍ତ ପିତା ଅଟନ୍ତି, ସେ ଆପଣା ସନ୍ତାନମାନଙ୍କୁ କେବେ ବି ପରିତ୍ୟାଗ କରନ୍ତି ନାହିଁ । ଏବ୍ରୀ ( ୧୩ : ୫ ) ଆପଣ କି ତାହାଙ୍କଠାରେ ଭରସା କରନ୍ତି ?

ଦୁଇଟି ସାନ ପିଲା ପରସ୍ପର କଳିଆ କରନ୍ତି କିଂତୁ କିଛି ସମୟରେ ପରେ ସେମାନଙ୍କ ମଧ୍ୟରେ ଥିବା ବିବାଦ ଭୁଲି ଅନ୍ତରଙ୍ଗ ବନ୍ଧୁ ରୂପେ ବ୍ୟବହାର କରନ୍ତି । ସାନ ପିଲାମାନେ କ୍ଷଣକରେ ବିବାଦ ଭୂଲି, ପରସ୍କର କ୍ଷମା କରନ୍ତି । ଯେଉଁ ମାନେ ସର୍ବଶକ୍ତି ମାନ ପରମେଶ୍ୱରଙ୍କ ସମ୍ମୁଖରେ ଅନନ୍ତ ଜୀବନ ବିତାଇବାକୁ ଇଛା କରନ୍ତି, ସେମାନଙ୍କର ଏହିପରି ସ୍ୱଭାବ ରହିବା ଆବଶ୍ୟକ । ଆମ୍ଭେମାନେ ପରସ୍ପରଙ୍କୁ କ୍ଷମା କଲେ ଅମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ଆମ୍ଭମାନଙ୍କ ଅପରାଧ ସବୁ କ୍ଷମା କରିବେ । (ମାଥିଉ ୧୮:୨୧,୨୨, ଏଫିସୀ ୪:୩୨) । ଏହିପରି ସାନପିଲା ମାନଙ୍କ ମନୋଭାବ ନ ଥିଲେ, ଆମ୍ଭେମାନେ ପରମେଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରି ପାରିବା ନାହିଁ ।

**- Patrick Morrison**

❊❊❊

# ସଦାପ୍ରଭୁଙ୍କ ସଂକଳ୍ପିତ ସ୍ତ୍ରୀ

## (God's plan for woman)

ମନୁଷ୍ୟ ଏକାକୀ ଥିବା ଭଲ ନୁହେଁ ବୋଲି ସଦାପ୍ରଭୁ ଜାଣି, ତାହାର ଅନୁରୂପ ସହକାରିଣୀ ରୂପେ ନାରୀକୁ ନିର୍ମାଣ କଲେ । ନର ଓ ନାରୀ ଆମ୍ଭମାନଙ୍କ ସୁପରିଚିତ ଆମ୍ଭମାନଙ୍କ ଆଦିମାତା ମାତାଙ୍କ ନାମ ଆଦମ ଓ ହବା । ସେମାନେ ସଦାପ୍ରଭୁଙ୍କ ଆଜ୍ଞାଲଂଘନ କରିବାରୁ ଏହି ଜଗତରେ ପାପ ଓ ମୃତ୍ୟୁ ପ୍ରବେଶ କଲା । ଶୟତାନର ପ୍ରଲୋଭନରେ ନାରୀ ପ୍ରଲୋଭିତ ହୋଇ ପ୍ରଥମେ ପାପ କରିଥିଲେ ସୁଦ୍ଧା ସଦାପ୍ରଭୁ ନାରୀକୁ ସଂପୂର୍ଣ୍ଣରୂପେ ପରିତ୍ୟାଗ କରିନାହାନ୍ତି । ହବା (ଜୀବନ) ପ୍ରତ୍ୟେକ ମନୁଷ୍ୟ ଜାତିର ମାତା ଅଟନ୍ତି । ସେହିପରି ଅବ୍ରାହମଙ୍କ ଭାର୍ଯ୍ୟା ସାରା (ରାଣୀ)ଙ୍କୁ ସଦାପ୍ରଭୁ ଆଶୀର୍ବାଦ କରିଥିଲେ । ସେ ନାନା ଗୋଷ୍ଠୀର ଆଦିମାତା ଓ ତାହାଙ୍କ ଠାରୁ ନାନାଦେଶୀୟ ରାଜଗଣ ତାହାଙ୍କ ଠାରୁ ଉତ୍ପନ୍ନ ହୋଇଥିଲେ । (ଆଦି ୧୭:୧୬)

ଜ୍ଞାନୀ ଶଲୋମନ କହନ୍ତି,**"ଯେଉଁ ଲୋକ ଭାର୍ଯ୍ୟା ପାଏ ସେ ଉତ୍ତମ ବସ୍ତୁ ପାଏ, ସଦାପ୍ରଭୁଙ୍କ ଠାରୁ ଅନୁଗ୍ରହ ପାଏ ।"** (ହିତ ୧୮:୨୨) **"ଗୃହ ଓ ଧନ ପିତୃଲୋକଙ୍କ ଠାରୁ ପ୍ରାପ୍ତ ଅଧିକାର, ମାତ୍ର ବୁଦ୍ଧିମତୀ ଭାର୍ଯ୍ୟା ସଦାପ୍ରଭୁଙ୍କ ଠାରୁ ପ୍ରାପ୍ତ ହୁଅଇ ।"** (ହିତ ୧୯:୧୪) ସମସ୍ତ ଉତ୍ତମ ଓ ଶ୍ରେଷ୍ଠ ଦାନ ଆମ୍ଭମାନଙ୍କ ସ୍ୱର୍ଗୀୟ ପିତାଙ୍କ ଦାନ ବୋଲି ଆମେ ଜାଣୁ । (ଯାକୁବ ୧:୧୭) **"ଗୁଣବତୀ ସ୍ତ୍ରୀ କିଏ ପାଇପାରେ । ମୁକ୍ତା ଠାରୁ ହିଁ ତାହାର ମୂଲ୍ୟ ଅଧିକ ।"** (ହିତ ୩୧:୧୦) **"ଗୁଣବତୀ ସ୍ତ୍ରୀ ଆପଣା ସ୍ୱାମୀର ମୁକୁଟ ସ୍ୱରୂପ, ମାତ୍ର ଲଜ୍ଜାଦାୟିନୀ ସ୍ତ୍ରୀ ତାହାର ହାଡ଼ସବୁର କ୍ଷୟସ୍ୱରୂପ ।"** (ହିତ ୧୨:୪) ସଦାପ୍ରଭୁ ନାରୀକୁ ଏପରି ଗୌରବମୟ ସ୍ଥାନରେ ରଖିଅଛନ୍ତି ।

ବିଚାରକର୍ତ୍ତା ପୁସ୍ତକର ଚତୁର୍ଥ ଅଧ୍ୟାୟରେ ଦେବୋରା ନାମ୍ନୀ ଏକ ସ୍ତ୍ରୀ ବିଷୟରେ ପଢ଼ିଥାଉଁ । ସେ ଲପ୍ପୀଦୋଡ଼ଙ୍କର ଭାର୍ଯ୍ୟା । ସେ ଏକ ଭବିଷ୍ୟଦ୍‌ବକ୍ତ୍ରୀ ଓ ଅନେକ ବର୍ଷ ନିମନ୍ତେ ସେ ସଦାପ୍ରଭୁଙ୍କ ନିଯୁକ୍ତ ଇଶ୍ରାଏଲ୍‌ର ବିଚାରକର୍ତ୍ତ୍ରୀ । ଇଶ୍ରାଏଲ୍, ସୀଷରା ରାଜା ସହିତ ଯୁଦ୍ଧ କରିବା ସମୟରେ ବାରକଙ୍କ ସହିତ ଯୁଦ୍ଧ କ୍ଷେତ୍ରକୁ ଯାଇଥିଲେ । ଯୁଦ୍ଧରେ ପରାସ୍ତ ସୀଷରା ପାଦଗତିରେ କେନୀୟ ହେବରର ଭାର୍ଯ୍ୟା ଯାୟେଲର ତମ୍ବୁରେ ଶରଣ ନେଲା । ସେ ଗାଢ଼ ନିଦ୍ରାରେ ଶୋଇଥିବା ସମୟରେ



ଯୋୟେଲ ତମ୍ବୁର ଗୋଟିଏ ମେଖ ହାତୁଡ଼ି ଦ୍ୱାରା ଧିରେ ଧିରେ କର୍ଣ୍ଣମୂଳରେ ମାରନ୍ତେ ତାହା ଫୁଟି ଭୂମିକି ଗଲା । ଏହିରୂପେ ସେ ଦିନ ଦୁଇ ସ୍ତ୍ରୀ ଦ୍ୱାରା ସଦାପ୍ରଭୁ ଇଶ୍ରାଏଲ୍‌କୁ ଜୟ ଦେଇଥିଲେ ।

ନାଜରିତର କନ୍ୟା ମରିୟମଙ୍କ ଗର୍ଭ ଦ୍ୱାରା ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁଯୀଶୁ ଏହି ଜଗତରେ ଜନ୍ମ ଗ୍ରହଣ କରିଥିଲେ । ତାହାଙ୍କ ଜଗତରେ ସେବା ପରିଚର୍ଯ୍ୟା ସମୟରେ ଅନେକ ସ୍ତ୍ରୀ ଅର୍ଥାତ୍ ମଗଦଲୀନୀ ନାମ୍ନୀ ମରିୟମ, ହୋରଦଙ୍କ ବେବର୍ତ୍ତା ଖୂଜାଙ୍କ ଭାର୍ଯ୍ୟା ଯୋହନା, ଶୋଶନା, ପୁଣି ଆହୁରି ଅନେକ ସ୍ତ୍ରୀ ତାହାଙ୍କ ସଙ୍ଗେରେ ଥାଇ ଆପଣା ଆପଣା ସମ୍ପତ୍ତି ଦେଇ ସେମାନଙ୍କ ସେବା କରୁଥିଲେ । (ଲୂକ ୮:୧-୩) । ପ୍ରେରିତମାନଙ୍କ କାର୍ଯ୍ୟାବଳୀର ପୁସ୍ତକରେ ଟାବୀଥା ନାମ୍ନୀ ଏକ ସ୍ତ୍ରୀ ବିଷୟରେ ପଢ଼ିଥାଉଁ । ସେ ନାନା ସତ୍‌କର୍ମ ଦାନକ୍ରିୟାରେ ପୂର୍ଣ୍ଣ ଥିଲେ । ସେ ମୃତ୍ୟୁ ଭୋଗିବାରୁ ଶିଷ୍ୟମାନେ ପିତରଙ୍କୁ ଡାକି ତାହାଙ୍କ ସଦ୍‌ଗୁଣ ସବୁ ଜଣାଇବାରୁ, ପିତର ତାହାଙ୍କୁ ମୃତ୍ୟୁରୁ ପୁନଃଜୀବିତ କରିଥିଲେ । (ପ୍ରେରିତ ୯:୩୬-୪୧) । ଷଷ୍ଠାଦଶ ଅଧ୍ୟାୟରେ ଲୂଦିଆଙ୍କ ଆତିଥ୍ୟ ସତ୍କାର ଓ ଅଷ୍ଟାଦଶ ଅଧ୍ୟାୟରେ ପ୍ରିସ୍କିଲା ଆପଲ୍ଲଙ୍କୁ କିପରି ପ୍ରଭୁଙ୍କ ମାର୍ଗ ସୂକ୍ଷ୍ମ ବିଷୟରେ ଜଣାଇଥିଲେ ପଢ଼ିଥାଉଁ ।

ଖ୍ରୀଷ୍ଟିୟାନ ସ୍ତ୍ରୀମାନଙ୍କୁ ପାଉଲ ଆଜ୍ଞା ଦେଇ କହନ୍ତି, "ସେହି ପ୍ରକାରେ ମଧ୍ୟ ସ୍ତ୍ରୀ କେଶବିନ୍ୟାସ ଏବଂ ସୁବର୍ଣ୍ଣ କି ମୁକ୍ତା କି ମୂଲ୍ୟବାନ ହସ୍ତରେ ଆପଣା ଆପଣାକୁ ଭୂଷିତା ନକରି ଲଜ୍ଜା ଓ ସୁବୁଦ୍ଧି ସହକାରେ ପରିପାଟୀ ପରିଚ୍ଛନ୍ନ ପିନ୍ଧି ଧର୍ମପରାୟଣା ସ୍ତ୍ରୀମାନଙ୍କ ଉପଯୋଗୀ ସତ୍‌କର୍ମ ରୂପ ଭୂଷଣରେ ଆପଣା ଆପଣାକୁ ଭୂଷିତ କରନ୍ତୁ । ସ୍ତ୍ରୀ ପୂର୍ଣ୍ଣ ବଶତା ସ୍ୱୀକାର କରି ମୌନଭାବରେ ଶିକ୍ଷା ଗ୍ରହଣ କରୁ ।" (୧ମ ତୀମଥି ୨:୯-୧୧) । "ଈଶ୍ୱରଙ୍କ ବାକ୍ୟ ଯେପରି ନିନ୍ଦିତ ନହୁଏ, ଏଥି ନିମନ୍ତେ ସେମାନେ ସନ୍ତାନବତ୍ସଳା, ସୁବୁଦ୍ଧି, ସତୀ, ସୁଗୃହିଣୀ, ସୁଶୀଳା ଓ ଆପଣା ଆପଣା ସ୍ୱାମୀର ବଶୀଭୂତା ହେବାକୁ ଶିକ୍ଷା ଦିଅନ୍ତୁ ।" (ତିତସ ୨:୪-୫) । ପିତର ଖ୍ରୀଷ୍ଟିୟାନ ସ୍ତ୍ରୀମାନଙ୍କୁ ଲେଖନ୍ତି,"......ହେ ଭାର୍ଯ୍ୟାମାନେ, ତୁମ୍ଭେମାନେ ଆପଣା ଆପଣା ସ୍ୱାମୀଙ୍କର ବଶୀଭୂତା ହୁଅ, ଯେପରି ସେମାନଙ୍କ ମଧ୍ୟରୁ କେହି କେହି ବାକ୍ୟର ଅନାଜ୍ଞାବହ ହେଲେ ସୁଦ୍ଧା ତୁମ୍ଭମାନଙ୍କର ସଭୟ ସଦା ଆଚରଣ ଦେଖି ବାକ୍ୟ ବିନୁ ଆପଣା ଆପଣା ଭାର୍ଯ୍ୟାର ଆଚରଣ ଦ୍ୱାରା ପରିବର୍ତ୍ତିତ ହେବେ । ପୁଣି କେଶବେଶ, ସୁବର୍ଣ୍ଣ ଆଭରଣ ଓ ସୁନ୍ଦର ବସ୍ତ୍ର ପରିଧାନ, ଏପରି ଯେଉଁ

ବାହ୍ୟଭୂଷଣ, ତାହା ତୁମ୍ଭମାନଙ୍କର ଭୂଷଣ ନହୋଇ, ହୃଦୟର ଯେଉଁ କୋମଳ ଓ ଶାନ୍ତିଯୁକ୍ତ ଗୁପ୍ତ ସ୍ୱଭାବ ଈଶ୍ୱରଙ୍କ ଦୃଷ୍ଟିରେ ବହୁମୂଲ୍ୟ, ତାହାହିଁ, ତୁମ୍ଭମାନଙ୍କର ଅକ୍ଷୟ ଭୂଷଣ ହେଉ ।'' (୧ମ ପିତର ୩:୧-୪)

ସଦାପ୍ରଭୁ ସ୍ତ୍ରୀକୁ ଏକ ଭାର୍ଯ୍ୟା, ଏକ ମାତା, ଗୃହିଣୀ, ଅନ୍ୟମାନଙ୍କ ଶିକ୍ଷାଦେବାର ଏକ ଉତ୍ତମ ଶିକ୍ଷିକା ରୂପେ ନିର୍ମାଣ କରିଅଛନ୍ତି । ଫିଲିପ ମଣ୍ଡଳୀର ଇୟଦିଆ ଓ ସୁନ୍ତୁଖୀ ବିଷୟରେ ପାଉଲ ଲେଖନ୍ତି,''ପୁଣି ହେ ପ୍ରକୃତ ସହକାରୀ ଏହି ମହିଳାମାନଙ୍କୁ ସାହାଯ୍ୟ କରିବା ପାଇଁ ତୁମ୍ଭକୁ ମଧ୍ୟ ନିବେଦନ କରୁଅଛି, କାରଣ ଏମାନେ କ୍ଲେମେନେସ୍ ଓ ମୋହର ଅନ୍ୟ ସହକର୍ମୀମାନଙ୍କ ସଙ୍ଗରେ ସୁସମାଚାର କାର୍ଯ୍ୟରେ ମୋ ସହିତ ପରିଶ୍ରମ କରିଅଛନ୍ତି, ସେହି ସହକର୍ମୀମାନଙ୍କର ନାମ ଜୀବନପୁସ୍ତକରେ ଅଛି ।'' (ଫିଲିପୀୟ ୪:୩-୪) ଯେଉଁମାନେ ଉତ୍ତମ ଭାର୍ଯ୍ୟା, ଉତ୍ତମ ମାତା, ଉତ୍ତମ ଶିକ୍ଷାଦାୟିନୀ, ସୁସମାଚାର କାର୍ଯ୍ୟରେ ପରିଶ୍ରମ କରନ୍ତି, ଏପରି ସ୍ତ୍ରୀମାନଙ୍କ ନାମ ଜୀବନ ପୁସ୍ତକରେ ଲିଖିତ ହୋଇଅଛି । ଯେଉଁମାନେ ପରମେଶ୍ୱରଙ୍କ ଆଜ୍ଞା ପାଳନ କରି, ତାହାଙ୍କ ମାର୍ଗରେ ଚାଲିବାରେ ଆପଣା ଆପଣାକୁ ଆୟତ୍ତ କରନ୍ତି ନାହିଁ ସେମାନଙ୍କ ଆପଣା ଜୀବନ, ପାରିବାରିକ ଜୀବନ, ସାମାଜିକ ଜୀବନ, ମଣ୍ଡଳୀର ସ୍ଥାନ ଉପରେ ପ୍ରଭାବିତ ହୁଏ । ଆସ ଆମ୍ଭେମାନେ ବାକ୍ୟ ଲିଖିତ ସୁଗୁଣଗୁଡ଼ିକ ପ୍ରାପ୍ତ ହେବା ନିମନ୍ତେ ଆପଣା ଆପଣାକୁ ଆୟତ୍ତ କରୁ ।

**- Leelavati, KKD**

❋❋❋

# ଖ୍ରୀଷ୍ଟ କାହିଁକି ମୃତ୍ୟୁ ଭୋଗିଲେ ?

(Why Christ died ?)

କ୍ରୁଶ ଓ ଖ୍ରୀଷ୍ଟଙ୍କ ମରଣ, ମନୁଷ୍ୟ ପରିତ୍ରାଣର ଖ୍ରୀଷ୍ଟିୟ ଆରାଧନାର ଓ ଖ୍ରୀଷ୍ଟିୟ ଜୀବନର ମୁଖ୍ୟ ବିଷୟବସ୍ତୁ । ନ୍ୟାୟବାନ ଅନ୍ୟାୟରେ, ଧାର୍ମିକ ଅଧାର୍ମିକମାନଙ୍କ ନିମନ୍ତେ, ନିର୍ଦ୍ଦୋଷୀ ଦୋଷୀମାନଙ୍କ ନିମନ୍ତେ ମୃତ୍ୟୁ ଭୋଗିବା ଦେଖୁଅଛୁ । ଯୀଶୁଖ୍ରୀଷ୍ଟଙ୍କ ଅତ୍ୟଧିକ ଭାବେ ପ୍ରେମ କରୁଥିବା ଶିଷ୍ୟ ଯୋହନ ତାହାଙ୍କ ବିଷୟରେ କହନ୍ତି,''....ଏହି ଦେଖ, ଈଶ୍ୱରଙ୍କ ମେଷଶାବକ, ଯେ ଜଗତର ପାପ ବହି ନେଇଯାଆନ୍ତି ।'' (ଯୋହନ



୧:୨୯) । ଜଗତର ପାପ ଭାର ପରମେଶ୍ୱରଙ୍କ ମେଷଶାବକ ବହି ନେବେ ବୋଲି ୟିଶାଇୟ ୫୩ ପର୍ବରେ ଭାବବାଣୀ ପ୍ରକଟ କରିଥିଲେ ।

**କାଲବରୀ କ୍ରୁଶ ଉପରେ ଖ୍ରୀଷ୍ଟ କାହିଁକି ମୃତ୍ୟୁ ଭୋଗିଲେ ତାହାର କେତୋଟି କାରଣ :-**

**ରାଜା ହେବା ନିମନ୍ତେ ଖ୍ରୀଷ୍ଟ ମୃତ୍ୟୁ ଭୋଗିଲେ :** ଯୀଶୁଖ୍ରୀଷ୍ଟ ଏ ଜଗତକୁ ଏକ ଅଶ୍ୱାରୋହୀ ଯୋଦ୍ଧା ରୂପେ ନ ଆସି, ଏକ ନମ୍ର ଗର୍ଦ୍ଦଭାରୋହୀ ହୋଇ ଏ ଜଗତକୁ ଆସିଥିଲେ । (ଜିଖ ୯:୯) । ଦେଶ, ଜାତି, ନଗର ଜୟୀ ହେବାକୁ ନ ଆସି ସେ ମନୁଷ୍ୟମାନଙ୍କ ହୃଦୟ ଜୟ କରିବା ନିମନ୍ତେ ସେ ଏ ଜଗତକୁ ଆସିଥିଲେ । ସେ ଏକ ଜାତି ନେତାରୂପେ ଆସି ନଥିଲେ, କିନ୍ତୁ ସେ ସର୍ବଶ୍ରେଷ୍ଠ ଶିକ୍ଷକ ଅଟନ୍ତି । ସେ ସେବା କରିବାକୁ ଓ ଅନେକଙ୍କ ନିମନ୍ତେ ଆପଣା ପ୍ରାଣ ଦେବା ନିମନ୍ତେ ଏ ଜଗତକୁ ଆସିଥିଲେ । (ମାଥିଉ ୨୦:୨୮) । ସେ କ୍ରୁଶୀୟ ମୃତ୍ୟୁ ଦ୍ୱାରା ମୃତ୍ୟୁକୁ ଜୟ କରି ରାଜାମାନଙ୍କ ରାଜା, ପ୍ରଭୁମାନଙ୍କ ପ୍ରଭୁ ଓ ଆତ୍ମାର ତ୍ରାଣକର୍ତ୍ତା ରୂପେ ନିଯୁକ୍ତ ହୋଇଅଛନ୍ତି । (ମାଥିଉ ୨୦:୨୮) । ସେ ମୃତ୍ୟୁଭୋଗ କରି ଆମ୍ଭମାନଙ୍କ ଆତ୍ମାର ରାଜା ହୋଇଅଛନ୍ତି ।

**ସେ ଯେ ମଶୀହ ଅଟନ୍ତି, ଏହା ପ୍ରମାଣ କରିବା ନିମନ୍ତେ ଯୀଶୁ ମୃତ୍ୟୁ ଭୋଗିଲେ :** କ୍ରୁଶୀୟ ମୃତ୍ୟୁ ଦ୍ୱାରା ସେ ଆପଣାକୁ ମଶୀହ ରୂପେ ପ୍ରମାଣିତ କରିଅଛନ୍ତି । ''........ସେ ପାପ ମାର୍ଜନା କଲା ଉତ୍ତାରେ ଊର୍ଦ୍ଧ୍ୱସ୍ଥ ମହାମହିମଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବେଶନ କରିଅଛନ୍ତି (ଏବ୍ରୀ ୧:୨-୪) ତୃତୀୟ ଦିନରେ ମୃତ୍ୟୁରୁ ଉତ୍‌ଥିତ ହୋଇ ମୃତ୍ୟୁକୁ ପରାଜୟ କରିଅଛନ୍ତି (୧ମ କରିନ୍ଥୀ ୧୫:୧-୧୯) । କ୍ରୁଶୀୟ ମୃତ୍ୟୁ ଦ୍ୱାରା ସେ ଆପଣା ମଶୀହତ୍ୱ ପ୍ରମାଣିତ କରିଅଛନ୍ତି ।

**ପରମେଶ୍ୱରଙ୍କ ପ୍ରେମ ପ୍ରକାଶ କରିବା ନିମନ୍ତେ ଖ୍ରୀଷ୍ଟ ମୃତ୍ୟୁ ଭୋଗିଲେ :** ପାଉଲ ଲେଖନ୍ତି,''କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁ ଭୋଗ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି ।'' (ଯୋହନ ୩:୧୬) ଈଶ୍ୱରଙ୍କ ପୁତ୍ରଙ୍କ କ୍ରୁଶୀୟ ମୃତ୍ୟୁର କାରଣ ହେଲା, ମନୁଷ୍ୟମାନଙ୍କ ପ୍ରତି ତାହାଙ୍କ ଅପାର ପ୍ରେମ ।

ଖ୍ରୀଷ୍ଟ ଆମ୍ଭମାନଙ୍କ ପାପ ନିମନ୍ତେ ମୃତ୍ୟୁ ଭୋଗିଲେ : ଆମ୍ଭମାନଙ୍କ ପାପମୋଚନ ନିମନ୍ତେ ଖ୍ରୀଷ୍ଟଙ୍କ ରକ୍ତ ଢଳା ଯାଇଥିଲା (ରୋମୀୟ ୫:୯-୧୧)। ଅତୀତର ପାପୀ ଓ ଭବିଷ୍ୟତର ପାପୀ, ପ୍ରତ୍ୟେକଙ୍କ ପାପକ୍ଷମା ତାହାଙ୍କ ରକ୍ତ ଦ୍ୱାରା

ସାଧିତ ହୁଏ । ପାପକ୍ଷମାର ଆବଶ୍ୟକୀୟ ସର୍ତ୍ତ ପାଳନକାରୀ ପ୍ରତ୍ୟେକଙ୍କ ନିମନ୍ତେ ଖ୍ରୀଷ୍ଟଙ୍କ ରକ୍ତ ପାପମୋଚନ କରେ । ସେ ଆମ୍ଭମାନଙ୍କ ନିମନ୍ତେ "ପ୍ରାୟଶ୍ଚିତ ସ୍ୱରୂପ ଅଟନ୍ତି ।" (୧ମ ଯୋହନ ୨:୨) "କାରଣ ଏକମାତ୍ର ଈଶ୍ୱର ଅଛନ୍ତି, ଆଉ ଈଶ୍ୱର ଓ ମନୁଷ୍ୟମାନଙ୍କ ମଧ୍ୟରେ ଏକମାତ୍ର ମଧ୍ୟସ୍ଥ ଅଛନ୍ତି । ଆମ୍ଭମାନଙ୍କ ପାପ ସକାଶେ ପରମେଶ୍ୱର ଠାରୁ ବିଚ୍ଛିନ୍ନ ହୋଇଥିବାରୁ, ଖ୍ରୀଷ୍ଟ ଆମ୍ଭମାନଙ୍କୁ ପରମେଶ୍ୱରଙ୍କ ସହ ସମ୍ମିଳିତ କରନ୍ତି । ଆମ୍ଭମାନଙ୍କ ନିମନ୍ତେ ଈଶ୍ୱରଙ୍କ ପୁତ୍ର କ୍ରୁଶରେ ମୃତ୍ୟୁ ଭୋଗିଲେ । ମନୁଷ୍ୟ ପାପ କରି ଯେଉଁ ମହିମା ହରାଇଥିଲା, ଖ୍ରୀଷ୍ଟ ଆପଣା ମୃତ୍ୟୁ ଦ୍ୱାରା ତାହା ପୁନଃସ୍ଥାପନ କରିଅଛନ୍ତି । ଆମ୍ଭମାନଙ୍କ ପାପଲଂଘନର ଶାସ୍ତି ସେ ବହନ କଲେ । ତାହାଙ୍କ ମୃତ୍ୟୁ ଦ୍ୱାରା ପାପୀ ମନୁଷ୍ୟ ପାପରୁ ମୁକ୍ତ ହୋଇ, ନିତ୍ୟାନନ୍ଦର ସ୍ଥାନ 'ସ୍ୱର୍ଗ'ରେ ସଦାକାଳ ସଦାପ୍ରଭୁଙ୍କ ସହ ବାସ କରିବ ।

**- Harlod Bigham**

❋❋❋

# ଜଗତକୁ ପରିବର୍ତ୍ତିତ କରିଥିବା ଯୁଦ୍ଧ

## (The Battle That Has changed the World)

ସହସ୍ର ବର୍ଷ ପୂର୍ବେ ସଦାପ୍ରଭୁ ପରମେଶ୍ୱର ଓ ଶୟତାନ ମଧ୍ୟରେ, ସତ୍ୟ ଓ ମିଥ୍ୟା ମଧ୍ୟରେ, ଧାର୍ମିକତା ଓ ଅଧାର୍ମିକତା ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା । ଏହି ଯୁଦ୍ଧ କେବେ ବି ଶେଷ ହୋଇପାରେ । କିନ୍ତୁ ପ୍ରଶ୍ନ ହେଲା ଏହା କିପରି ଆରମ୍ଭ ହୋଇଥିଲା ଓ ଏହି ଯୁଦ୍ଧର ବିଜୟୀ କିଏ ହେବ ? ଏହି ସବୁ ପ୍ରଶ୍ନର ଉତ୍ତର କେବଳ ବାଇବଲରେ ପାଇପାରୁ । ଆସ ଆମ୍ଭେମାନେ ସଦାପ୍ରଭୁ ଓ ଶୟତାନ ମଧ୍ୟରେ ଥିବା ଯୁଦ୍ଧ ବିଷୟରେ ବାଇବଲରୁ ପଢ଼ି ବୁଝିବା ।

ପୃଥିବୀର ସୃଷ୍ଟି ପୂର୍ବେ ସଦାପ୍ରଭୁ ସ୍ୱର୍ଗ ଓ ଦୂତଗଣକୁ ସୃଷ୍ଟି କରିଥିଲେ । (ଆଦି ୧:୧, ଆୟୁବ ୩:୮-୭) ସରାଫ, କିରୂବ ଓ ପ୍ରଧାନ ଦୂତଗଣ ପରମେଶ୍ୱରଙ୍କ ଦ୍ୱାରା ସୃଷ୍ଟ ହୋଇଥିଲେ । ପ୍ରଧାନ ଦୂତଗଣମାନଙ୍କ ମଧ୍ୟରୁ ଏକ ଦୂତଙ୍କୁ ମହାଶକ୍ତି ଓ ବଳ ପ୍ରଦାନ କରାଯାଇଥିଲା । ସେ ପରମେଶ୍ୱରଙ୍କ ବିଦ୍ରୋହୀ ହେଲା ଓ ଅନେକ ଦୂତ ତାହାର ସଙ୍ଗୀ ହେଲେ । (ଯିଶାଇୟ ୧୪:୧୨-୧୫, ମାଥିଉ ୨୫:୪୧) । ଏହି ବିଦ୍ରୋହୀ ଦୂତଦଳ ପରମେଶ୍ୱରଙ୍କ ବିରୁଦ୍ଧରେ ଯୁଦ୍ଧ ଆରମ୍ଭ କଲେ । ସେମାନଙ୍କ ମଧ୍ୟରୁ ଅନେକ ଗାଢ଼ ଅନ୍ଧକାରରେ ଏବେ ମଧ୍ୟ ବନ୍ଦୀ ହୋଇ ବିଚାରଦିନର ଅପେକ୍ଷାରେ



ଅଛନ୍ତି । (୨ ପିତର ୨:୪, ଯିହୂଦା ୬ ପଦ)

ସ୍ୱର୍ଗରୁ ପତିତ ସେହି ପ୍ରଧାନଦୂତ ଅର୍ଥାତ୍ ଶୟତାନ, ଗର୍ଜନ କରୁଥିବା ସିଂହ ତୁଲ୍ୟ କାହାକୁ ଗ୍ରାସିବ ବୋଲି ଜଗତରେ ଏଣେ ତେଣେ ଭ୍ରମଣ କରୁଅଛି । (୧ମ ପିତର ୫:୮) ଭ୍ରାନ୍ତତା ଓ ପାପର ଜାଲ ଏପରି ଭାବେ ଜଗତରେ ବିଛା ଯାଇଛି ଯେ, ଲୋକେ ସେଥିରେ ଛନ୍ଦି ହୋଇ ପାପ ଜାଲରେ ପଡ଼ନ୍ତି । ପାପର ବେତନ ମୃତ୍ୟୁ (୬ ମ ଯୋହନ ୩:୮ ଓ ରୋମୀୟ ୬:୨୩)

ମନୁଷ୍ୟଯାନ୍ତେ ଧାର୍ମିକତାକୁ ଫେରି ଆସିବା ନିମନ୍ତେ ସଦାପ୍ରଭୁ ଅନେକ ଭାବବାଦୀ ଓ ଦୂତମାନଙ୍କୁ ଏହି ଜଗତକୁ ପଠାଇଲେ । କିନ୍ତୁ ମାନବ ସମାଜ ସେହି ବିଦ୍ରୋହୀ ଶୟତାନର କଥାରେ ଅଧିକ ମନୋଯୋଗ କରନ୍ତି । ଦୁଇ ହଜାର ବର୍ଷ ପୂର୍ବେ ପରମେଶ୍ୱର ମନୁଷ୍ୟରୂପ ଧାରଣକାରୀ ମନୁଷ୍ୟମାନଙ୍କ ମୁକ୍ତି ନିମନ୍ତେ ଏହି ଜଗତକୁ ଅବତରଣ କରିଥିଲେ । ଯୀଶୁଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ସେହି ଯୁଦ୍ଧର ଜୟ ହେଲା ଓ ଶୟତାନ ପରାଜିତ ହେଲା । ତାହାଙ୍କ ଦ୍ୱାରା ଆମ୍ଭେମାନେ ଯେପରି ଶୟତାନକୁ ପରାଜୟ କରିପାରୁ, ଏଥି ନିମନ୍ତେ ପ୍ରଭୁ ଯୀଶୁ ଆପଣା ପ୍ରାଣ କ୍ରୁଶରେ ଅର୍ପଣ କରିଥିଲେ । ସେ "ସମାପ୍ତ ହେଲା" ବୋଲି କହି ପ୍ରାଣତ୍ୟାଗ କରିଥିଲେ । ସେ କାର୍ଯ୍ୟ ସମାପ୍ତ କରି ଅଛନ୍ତି । ମୂଲ୍ୟ ପ୍ରଦାନ କରି ଅଛନ୍ତି । ସେ ବିଜୟୀ ଅଟନ୍ତି ।

ଶୟତାନ ଯୁଦ୍ଧରେ ପରାଜିତ ହୋଇଅଛି । ଆଜି ଯେଉଁମାନେ ଖ୍ରୀଷ୍ଟଙ୍କ ବଳିଦାନ ଆପଣା ଜୀବନରେ ଗ୍ରହଣ କରନ୍ତି । ଈଶ୍ୱରଙ୍କ ସନ୍ତାନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହେବାର ସୁଯୋଗ ପାଇଥାନ୍ତି । (ଯୋହନ ୩:୧୪-୧୮, ୧:୧୨) । ଏହି ଯୁଦ୍ଧ ଜଗତକୁ ପରିବର୍ତ୍ତିତ କରିଅଛି । ଆପଣ ଯଦି ସେହି ବିଜୟୀ ପ୍ରଭୁଙ୍କୁ ଆପଣା ଜୀବନରେ ଆମନ୍ତ୍ରଣ କରନ୍ତି, ସେ ଆପଣଙ୍କ ଜୀବନ ପରିବର୍ତ୍ତନ କରାଇବେ । (ପ୍ରକାଶିତ ୩:୨୦,୨୧) "ମୁଁ ଦ୍ୱାର, ଯଦି କେହି ମୋ' ଦେଇ ପ୍ରବେଶ କରେ, ତାହାହେଲେ ସେ ରକ୍ଷା ପାଇବ... ..." (ଯୋହନ ୧୦:୯) ।

**- Patrick Boynes**

❋❋❋

**Edited & Published by : Kabita & Joshua Gootam**